ପାଠ-୪

# ମଙ୍ଗଳେ ଅଇଲା ଉଷା

STUDY NOTES

## MIND MAP



## ସୃଜନାଭିମୁଖ୍ୟ

ସ୍ୱଭାବକବି ଗଙ୍ଗାଧର ମେହେର ଥିଲେ ମାଆ, ମାଟି ଓ ମଣିଷର ଏକାନ୍ତ ବିଶ୍ୱସ୍ତ । ପ୍ରକୃତିରେ ମାନବିକତାର ଆରୋପ, ଈଶ୍ୱରାନୁରାଗ, ନୈତିକତା, ସମ୍ବେଦନଶୀଳତା, ମାତୃଭାଷା ଓ ମାତୃଭୂମି ପ୍ରୀତି ଥିଲା ତାଙ୍କର ବୈଶିଷ୍ଟ୍ୟ ।

## କବିତାର ପୃଷ୍ଠଭୂମି

'ମଙ୍ଗଳେ ଅଇଲା ଉଷା' ଶୀର୍ଷକ କବିତା କବିଙ୍କ 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗରୁ ସଂଗୃହୀତ । ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ରହୁଥିବା ସୀତାଙ୍କୁ ପ୍ରକୃତି ସ୍ୱାଗତ କରିବା ତଥା ପ୍ରକୃତିକୁ ମାନବ ଚରିତ୍ର ପରି ଉପସ୍ଥାପନ କରିବାରେ କବି ଗଙ୍ଗାଧରଙ୍କ ସିଦ୍ଧହସ୍ତତା ଏଠାରେ ହୋଇଛି ପ୍ରତିଫଳିତ ।

ଲଙ୍କାପତି ରାବଣ ନିହତ ହେବାପରେ ଅଶୋକବାଟିକାରେ ବନ୍ଦିନୀଭାବେ ଥିବା ଜନକନନ୍ଦିନୀ ସୀତାଙ୍କୁ ସ୍ୱୀୟ ସତୀତ୍ୱର ପ୍ରମାଣ ଦେବା ନିମନ୍ତେ ଅଗ୍ନିପରୀକ୍ଷା ଦେବାକୁ ପଡ଼ିଥିଲା । ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ୍ ଶ୍ରୀ ରାମଚନ୍ଦ୍ର ଆଯୋଧ୍ୟା ପ୍ରତ୍ୟାବର୍ତ୍ତନ କରି ସିଂହାସନ ଆରୋହଣ କରିବାପରେ ଲୋକମୁଖରୁ ସୀତାଙ୍କ ସମ୍ପର୍କରେ ଅପବାଦ ଶୁଣି ସତୀସୀତାଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଥିଲେ । ନିର୍ବାସିତ ଦେବୀ ସୀତା ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ନିର୍ବାସିତ ଜୀବନ ଅତିବାହିତ କରିଥିଲେ । ସୀତାଦେବୀଙ୍କ ଦୁଃଖରେ ସମ୍ବେଦନଶୀଳା ହୋଇ ପ୍ରକୃତିରାଣୀ ତାଙ୍କର ପରିଚର୍ଯ୍ୟା କରିବାକୁ ଆଗେଇ ଆସିଛନ୍ତି ।

## କବିତାର ମର୍ମବାଣୀ

ମଙ୍ଗଳମୟ ମୁହୂର୍ତ୍ତ ଅର୍ଥାତ୍ ବ୍ରାହ୍ମମୁହୂର୍ତ୍ତକୁ ଉଷାକାଳ ବୋଲି କୁହାଯାଏ । କବି ସେହି ଉଷାକାଳ ଉପରେ ମାନବତ୍ୱ ଆରୋପ କରିଛନ୍ତି । କବିଙ୍କ ସାରସ୍ୱତ ନେତ୍ରରେ ପ୍ରକୃତିରୂପିଣୀ ଉଷାଦେବୀଙ୍କର ବିକଶିତ ପଦ୍ମ ହେଉଛି ନେତ୍ର । କଅଁଳିଆ ପତ୍ର ହେଉଛି ତାଙ୍କର ହସ୍ତ । ସେ ପତ୍ର ଉପରେ ପତିତ ଶିଶିରବିନ୍ଦୁ ହେଉଛି ଉପହାର ପାଇଁ ଉଦ୍ଦିଷ୍ଟ ମୁକ୍ତା । କୋକିଳ ହେଉଛି ତାଙ୍କର କଣ୍ଠ । ବିକଶିତ ପଦ୍ମନେତ୍ରୀ ଉଷାରାଣୀଙ୍କ ହୃଦୟ ଆଶ୍ରମବାସିନୀ ସତୀଶିରୋମଣି ଜନକନନ୍ଦିନୀ ଦେବୀ ସୀତାଙ୍କ ଦର୍ଶନ ନିମନ୍ତେ ବ୍ୟାକୁଳ ହୋଇଉଠିଛି । ସେ ଲକ୍ଷ୍ମୀସ୍ୱରୂପିଣୀ ଦେବୀ ସୀତାଙ୍କୁ ଉପହାର ପ୍ରଦାନ ନିମନ୍ତେ ସ୍ୱୀୟ ପଲ୍ଲବରୂପକ ହସ୍ତରେ ଶିଶିରରୂପକ ମୁକ୍ତା ଧରି ମଙ୍ଗଳମୟ ମୁହୂର୍ତ୍ତରେ ସୀତାଙ୍କ ନିବାସକୁଟୀର ସମ୍ମୁଖସ୍ଥ ପ୍ରାଙ୍ଗଣରେ ଉପସ୍ଥିତ ହୋଇଛନ୍ତି ଏବଂ ତାଙ୍କ କୋକିଳ ସଦୃଶ ଅମୃତମୟ କଣ୍ଠରେ ରାତ୍ରି ପାହିବାର ସୂଚନା ଦେବା ସହିତ ଦେବୀଙ୍କୁ ଦର୍ଶନ ଦେବାପାଇଁ ବିନମ୍ର ନିବେଦନ କରିଛନ୍ତି ।